ଅଧ୍ୟାୟ

ନିଜ କଥା

ସାମ୍ପ୍ରତିକ ପୃଥିବୀର ଜନୈକ ଶାସକଙ୍କ କାର୍ଯ୍ୟାବଳୀ ଲକ୍ଷ କରି କରି ମନରେ ମଧ୍ୟେ ମଧ୍ୟେ ସାମୟିକ ଭାବେ ଯେଉଁ ସବୁ ବିବିଧ ପ୍ରକାର ଭାବନାର ସ୍ଫୁରଣ ଓ ସଞ୍ଚରଣ ହେଉ ଥାଏ ସେ ସମସ୍ତ ଛୋଟ ଛୋଟ କବିତାକାରରେ ଟିପି ରଖୁଥିଲି । ସେହି ସବୁ କବିତାର ସମାହାର ହେଲା ଏହି ଅଧିରାଟ୍ ଶୃଙ୍ଖଳାର କବିତାବଳୀ ।

ଇତି ବିନୀତ ଲଲାଟେନ୍ଦୁ କବି

ସୂଚିପୃଷ୍ଠା

1	ଅସହାୟ କଧିରାତ୍	2
2	ପ୍ରବାସୀ	3
3	ନିର୍ବୀର ଦେଶର ଅଧିରାତ୍	3
4	ଦୁଇ ଅଧୀର ଅଧିରାତ୍	4
5	କୈବଲ୍ୟରେ ଅଧିରାତ୍	5
6	ପ୍ରବାସୀ ଶ୍ରମିକଙ୍କ ଅଧିରାତ୍	6
7	ନିର୍ଗ୍ରନ୍ଥ ଅଧିରାତ୍	7
8	ବ୍ୟାଘ୍ରାରୋହୀ ଅଧିରାତ୍	8
9	ଚାଟୁପ୍ରେମୀ ଅଧିରାତ୍	9
10	ନିପୁଣ ଅଧିରାତ୍	10
11	ବିଶ୍ୱଜୟୀ ଅଧିରାତ୍	11
12	ଭିକ୍ଷାର୍ଥୀ ଅଧିରାତ୍	12
13	ପରାସ୍ତ ଅଧିରାତ୍	13
14	ମୟୂରପ୍ରେମୀ	13
15	ଅନ୍ଧମନ୍ତ୍ରର ଅଧିରାତ୍	14
16	ଗର୍ବିତ ଅଧିରାତ୍	16

17	ନିଃସୂତ୍ର ଅଧିରାଟ୍	17
18	କୁତ୍ତା-ପତି ଅଧିରାଟ୍	18
19	ପରିତ୍ୟକ୍ତ ଅଧିରାଟ୍	19
20	ଜନ-ଅସନ୍ତୋଷ ଓ ଅଧିରାଟ୍	19
21	ବଧିର ଅଧିରାଟ୍	20
22	ପ୍ରତିଜ୍ଞାକୁଶଳୀ ଅଧିରାଟ୍	21
23	ଧୃତରାଷ୍ଟ୍ର ଓ ନୂତନ ଅଧିରାଟ୍	22
24	ପଶାକାଠି ଓ ଅଧିରାଟ୍	23
25	ବୈଠକପ୍ରିୟ ଅଧିରାଟ୍	23
26	ଶର୍କରା ବିତରକ ଅଧିରାଟ୍	24
27	ବୀରପଣେ ଅଧିରାଟ୍	25
28	ପ୍ରଜାଶକ୍ତି ଓ ଅଧିରାଟ୍	26
29	ନିଶ୍ଚିନ୍ତ ଅଧିରାଟ୍	26
30	ନିଷ୍କପଟ ଅଧିରାଟ୍	27
31	ପଦଚ୍ୟୁତ ଅଧିରାଟ୍	28
32	ଆତୁର ଅଧିରାଟ୍	30
33	କିଂକର୍ତ୍ତବ୍ୟବିମୂଢ଼ ଅଧିରାଟ୍	30
34	ନିଷ୍ଫଳବୈଠକପ୍ରିୟ ଅଧିରାଟ୍	31
35	ଶୂନ୍ୟଗର୍ଭ ପୁଣ୍ୟପ୍ରବଚନ	32

36	ଅମରତ୍ୱପ୍ରିୟ ଅଧିରାଟ୍	33
37	ସ୍ମୃତିଚ୍ୟୁତ ଅଧିରାଟ୍	34
38	ଶାନ୍ତିଯାତ୍ରାରେ ଅଧିରାଟ୍	35
39	କୀଳାଗ୍ରହୀ ଅଧିରାଟ୍	35
40	କୀଳାଖଞ୍ଜା ଅଧିରାଟ୍	36
41	କୀଳାକଢା ଅଧିରାଟ୍	37
42	ଅମର ଅଧିରାଟ୍	38
	ଅଧିରାଟ୍‌ଙ୍କୁ କୃତଜ୍ଞତା ଅର୍ପଣ	39
43	କୀଳାବିଛା ଅଧିରାଟ୍	41
44	ଅରି ଓ ଅତ୍ୟାଚାରୀ	42
45	ଗୋଡାଣିଆଙ୍କ ଅଧିରାଟ୍	43
46	ବ୍ରେନ୍-ଲେସ୍ ଅଧିରାଟ୍	44
47	ଅସଭ୍ୟ ଅଧିରାଟ୍	44
48	ବିଶ୍ୱାସଘାତୀ ଅଧିରାଟ୍	45
49	ସଂବାଦନାଶୀ ଅଧିରାଟ୍	46
50	ପ୍ରାସାଦପ୍ରେମୀ ଅଧିରାଟ୍	47
51	ସାଙ୍ଘାତିକ ଅଧିରାଟ୍	49

ଅଧିରାଟ୍ - ୧

ଅସହାୟ ଅଧିରାଟ୍

ଦେଖି ନେରୋ
ପିଟି ଦେଉ ମଥା,
ଅନଳେ ବିଦଗ୍ଧ ସାରା
ହିରଣ୍ୟ ନଗରୀ,
ଯୁଧିଷ୍ଠିର
ପାଉ ଯେତେ ବ୍ୟଥା,
ବୀରଶୂନ୍ୟ ଥିବ ଧରା
ବାସରଶର୍ବରୀ ॥୧

କୁହ ବେନି
ପ୍ରବାଦପୁରୁଷ,
ଭେଟିନ କେବେ ହେଁ ବୋଲି
ଜୀବନେ ପ୍ରତ୍ୟକ୍ଷେ,
ଧୌର୍ଯ୍ୟ ଘେନି
ହେଲ କି ପ୍ରବେଶ
ପୂର୍ବାଶା-ପ୍ରତୀଚୀ ଭୁଲି
ଅଧିରାଟ୍ ବକ୍ଷେ ?୨

ଲଲାଟେନ୍ଦୁ କବି ୨୦୨୦୦୭୨୭୨୨୧୩

অধ্রাট্ - ২

প্রবাসী অধ্রাট্

প্রজাতন্ত্র গলে দেই প্রাণান্তক ফাশী,
অর্থনীতি যাউ পছে সিন্ধুগর্ভে ভাসি ॥ ১

মধ্যে মধ্যে স্বদেশকু আসন্তি বিলাসী,
বিক্রিবটা করি রাজা পুনশ্চ প্রবাসী ॥ ২

ললাটেন্দু কবি ২০২০০৭২৮১২৩৫

অধ্রাট্ - ৩

নির্বীর দেশর অধ্রাট্

জয়-উন্মাদন বশে এমন্ত শাসিল,
নিজ হাতে প্রতিদ্বন্দী সকলে নাশিল ! ১

নাহিঁ বীর আন পথ করিবাকু রুদ্ধ,
কা সাথে করিব রাজা এবে তুমে যুদ্ধ? ২

ভণ্ড রাষ্ট্রভক্তি পাঠ পঢাই পঢাই
মার প্রজা পরস্পরে লঢাই লঢাই । ৩

চাষীঙ্কু কন্দাঅ শস্য-মূল্যকু ছডাই
শ্রমিকঙ্কু মারিদিঅ চলাই চলাই । ৪

শিক্ষা নাশি বালুতঙ্কু কর নিঃসংস্কার,

ଚୋର ହେଉ କର୍ମହୀନ ଶିକ୍ଷିତ ବେକାର । ୫

ବୁଭୁକ୍ଷୁ ନିର୍ବସ୍ତ୍ର ଥାଉ ବାସହୀନ ପ୍ରଜା
ତେବେ ନା ଭିକ୍ଷୁକରାଷ୍ଟ୍ରେ ହେବ ଚୋରରଜା ।୬

ଲଳାଟେନ୍ଦୁ କବି ୨୦୨୦୦୭୨୭୦୧୦୦

ଅଧିରାଟ୍ - ୪
ଦୁଇ ଅଧୀର ଅଧିରାଟ୍

ଚୌପାଶେ ଅପତି ପିତା-
ପୁତ୍ରହରା ନାରୀ
ମୌନତ୍ୱରେ ଜନପଦ
ଶ୍ମଶାନଠୁ ଭାରି;
ବୃଥା ରାଜା ଧର୍ମପୁତ୍ର
ନେତ୍ରଜ-ଉଜାଣି,
ବସୁନ୍ଧରା ରିକ୍ତବୀରା
ହେଇ ସାରିଲାଣି ॥ ୧

ଶୁଣାଅ ବଂଶୀର ସ୍ୱନ,
ଦିଅ ଉଦ୍‌ବୋଧନ,
ଅବିରତ କର ନେରୋ
ଅଶ୍ରୁ ପ୍ରବାହନ;
କିସ କେ କରିବ ନକ୍ର-
କ୍ରନ୍ଦନକୁ ନେଇ,
ଅଗ୍ନିଗର୍ଭେ ରାଜଧାନୀ
ଗଲା ଭସ୍ମ ହେଇ ॥ ୨

ଲଳାଟେନ୍ଦୁ କବି ୨୦୨୦୦୭୨୬୨୧୨୦

ଅଧିରାଟ୍ - ୫

ବୈକଲ୍ୟରେ ଅଧିରାଟ୍

ମହାବଳୀ ବୋନାପାର୍ଟ,
ଥିଲା କି ସେ ବିଶ୍ୱଜୟୀ
ଏଲ୍‌ବାରେ ହାରିଲା ପ୍ରାଣ
ଡହଳ ବିକଳ ହୋଇ ॥୧

ଶୀତରେ ଥରିଲା ଦେହ
ଗ୍ରୀଷ୍ମେ ମାରିଲା ଝାଇଁ,
ନ ଥିଲା କେ ପଦଲେହ
ଜଳ ବୁନ୍ଦେ ଦେବା ପାଇଁ ॥୨

ପୂର୍ବଜଙ୍କ ଅତ୍ୟାଚାର
ମହାକାଶ ଗଲା ଛୁଇଁ
ଗିଲୋଟିନ୍‌ରେ ଚଢି ପ୍ରାଣ
ହାରିଲା ଷୋଡଶ ଲୁଇ ॥୩

ଅତ୍ୟାଚାରୀ ନୃପତିର
ସ୍ତାବକ ପାଳିତ ସୁତ !
ଜାଣିବ କପାଳ ଲେଖା
ପିତା ହେଲେ ପଦଚ୍ୟୁତ ॥୪

ଲଲାଟେନ୍ଦୁ କବି ୨୦୨୦୦୭୨୮୧୮୦୧

ଧିରାଟ୍ - ୬

ପ୍ରବାସୀ ଶ୍ରମିକଙ୍କ ଅଧିରାଟ୍

ପିଲା ଛୁଆ ବୁଢା ବୁଢୀ
ଗର୍ଭବତୀ ନାରୀ
ଗ୍ରାମ ଅଭିମୁଖେ ସର୍ବେ
ହେଲେ ପଥଚାରୀ ।। ୧

ଭଗ୍ନହୃଦ ନଗ୍ନପଦ
ବୁଭୁକ୍ଷୁ ଜନତା
ବର୍ଷାଶୀତରୌଦ୍ରତାପେ
ମାଥେ ନାହିଁ ଛତା ।। ୨

ସହସ୍ର ଯୋଜନ ପଥେ
କେ ଯିବ ମଶାଣି,
ମାତା ମୃତା, ନବଜାତ
ସ୍ତନ ଶୋଷିଲାଣି ।। ୩

ଶ୍ରମିକ ଦୈନ୍ୟଜର୍ଜର
ଦୂର ନିର୍ବାସନେ
ଅଧିରାଟ୍ ଅତି ବ୍ୟସ୍ତ
କଠୋର ଶାସନେ ।। ୪

ଏ ଶାସନନୀତି ଏବେ
ସର୍ବଭାରତୀୟ,
ଏ ଭୂମି ରାଜନ ଯେଣୁ

ବିଶ୍ୱେ ଅଦ୍ୱିତୀୟ ॥ ୫

ଅତି ଗୁଣୀ ଅଧିରାଟ୍
ତହୁଁ ବଳୀ କାହିଁ ?
ଲକ୍ଷେ ଛବି ଛାପ, କିର୍ତ୍ତି
ସରିବାର ନାହିଁ ॥ ୬

ଲଲାଟେନ୍ଦୁ କବି ୨୦୨୦୦୭୨୮୧୯୫୬

ଅଧିରାଟ୍ - ୭

ନିର୍ଗ୍ରନ୍ଥ ଅଧିରାଟ୍

ଧରାବକ୍ଷେ ଥିଲେ ଯେତେ ନିର୍ବୀର୍ଯ୍ୟ ଭୂଭୃତ;
କରୋନା ଆସିଲା ଜାଣି ହେଲେ କୃତକୃତ୍ୟ || ୧

ଜନମନେ କରି ଦେଇ ଭୀତି ସଞ୍ଚରଣ
ବନ୍ଦୀ କଲେ ଜନେ, ଆଳ - ବ୍ୟାଧି ନିବାରଣ || ୨

ତାଲାବନ୍ଦୀ ନାହିଁ କେଉଁ ଦେଶ ସଂବିଧାନେ,
ନାହିଁ ମଧ୍ୟ କେଉଁ ଦେଶ ବ୍ୟବସ୍ଥା ଗ୍ରନ୍ଥନେ || ୩

କରିବାକୁ ପ୍ରଜାକୁଳ ସ୍ୱରବିମର୍ଦ୍ଦନ
ଗୃହବନ୍ଦୀ କରି କଲେ ବିଶ୍ୱାସଘାତନ || ୪

ଲଲାଟେନ୍ଦୁ କବି ୨୦୨୦୦୮୦୮୨୧୩୧

ଅଧିରାଟ୍ - ୮

ବ୍ୟାଘ୍ରାରୋହୀ ଅଧିରାଟ୍

ଦୁର୍ଦ୍ଧର୍ଷ ଅଧିରାଟ୍ କଲେ
ବ୍ୟାଘ୍ର-ଆରୋହଣ,
ଗ୍ରାସିବ ଜିହ୍ବାପ ତହୁଁ
କଲେ ଉତ୍ତରଣ ॥୧

ଗୃହବନ୍ଧନଶାର୍ଦ୍ଦୂଳ
ମାନବପ୍ରସୂତ,
ନିର୍ବୀର୍ଯ୍ୟନୃପତିସଙ୍ଘ-
ଯଜ୍ଞସମ୍ଭୂତ ॥ ॥୨

ଭୂତାଣୁମୃଗର ମେଦ
କରିବେ ମଣୋହି,
ଆନନ୍ଦଗଦ୍ଗଦ ନୃପ
କର୍ବର-ଆରୋହୀ ॥୩

ଜିହ୍ବାପ, ଶାର୍ଦ୍ଦୂଳ, କର୍ବର= ବାଘ;

ଲଲାଟେନ୍ଦୁ କବି ୨୦୨୦୦୮୧୧୦୩୩୫

ଅଧିରାଟ୍ - ୯

ଚାଟୁପ୍ରେମୀ ଅଧିରାଟ୍

ଚାଲିଛି ଦର୍ପଭରେ
ଶଗଡଗାଡିଟିଏ,
ତା ଚକ ଅଭ୍ୟନ୍ତରେ
ମାଇଲା ହାତ କିଏ ॥୧

ନିର୍ଦ୍ଧନ ରାଷ୍ଟ୍ରଜନ,
କେ କଲା ତାଲାବନ୍ଦୀ,
ବିଲୁପ୍ତ ଜୀବିକାନ୍ନ,
ମରଣ ଗଳିକନ୍ଦି ॥॥ ୨

ନ ଥାଉ ସଂବିଧାନେ,
ନ ଥାଉ ନିୟମନେ,
କହନ୍ତି ଚାଟୁକାର —
ମାନିଯା ପୁରଜନେ ॥୩

ଅଧିରାଟ୍ ପ୍ରେମାବଦ୍ଧ
ଅସଂଖ୍ୟ ଚାଟୁକାର,
ଗର୍ଦ୍ଦଭ ପାରିଷଦ,
କୁକ୍କୁର ପତ୍ରକାର ॥ ୪

ଲଲାଟେନ୍ଦୁ କବି ୨୦୨୦୦୮୦୮୧୫୪୫

ଅଧିରାଟ୍ - ୧୦

ନିପୁଣ ଅଧିରାଟ୍

ଶତାବ୍ଦୀ ଶତାବ୍ଦୀ ଧରି	ଗଢା ଅର୍ଥନୀତି
ବାକ୍ୟ ମାତ୍ରେ ଜାଳି ଦେଲା	ଚତୁର୍ବିଂଶ ତିଥି ‖ ୧

ପ୍ରାଣରକ୍ଷା ଆଶା ଦେଇ	ନାଶିଲେ ଜୀବିକା,
କାନ୍ଦିଲେ ବୈଜନ୍ୟ ଦାହେ	ବିପଣି ବୀଥିକା ‖୨

ତତ୍ପରେ କଠୋର ନୀତି,	ତତ୍କାଳ ବନାଇ
ତ୍ରୁଟି ମାତ୍ରେ ପ୍ରହାରିଲେ	ଆରକ୍ଷୀ ଲଗାଇ ‖୩

ଭୂତାଣୁ ସଂବାଦପତ୍ର	ବାରତା ନ ଦେଖି
ନିତି ସହସ୍ରକ ପ୍ରାଣ	ଇତି ଗଲା ଲେଖି ‖୪

ବ୍ୟାଧି ନେଲା ପ୍ରାଣ, ଦୈନ୍ୟ	ନେଲା ତା ଦି' ଗୁଣ;
ସ୍ତାବକେ କହିଲେ ଦେଖ -	ଅଧିରାଟ୍ ନିପୁଣ ‖୫

ଚତୁର୍ବିଂଶ ତିଥି= ୨୪ ତାରିଖ; ବୈଜନ୍ୟ= ନିର୍ଜନତା;

ଲଲାଟେନ୍ଦୁ କବି ୨୦୨୦୦୮୦୮୧୩୪୨

ଅଧିରାଟ୍ - ୧୧

ବିଶ୍ୱଜୟୀ ଅଧିରାଟ୍

ସାରା ବିଶ୍ୱ ଆମ ଦେଶ-
ଭୟେ ଥରହର;
ପାଞ୍ଚ ରାଫେଲ୍ କିଣି ଆମେ
ପୃଥ୍ୱୀ-ଅଧୀଶ୍ୱର ‖୧
ଅନ୍ୟ ଦେଶ କାହା ପାଶ
ଏତେ ଟଙ୍କା ନାହିଁ,
ରାଫେଲ୍ ଏତେ କିଣି ତେଲ
ପୂରାଇବା ପାଇଁ ‖୨
ଆମ ଶକ୍ତି ମଥା ପାତି
ମାନିବ ଜଗତ:
ଅଧିରାଟ୍ ଗଢିବେ ଶୀଘ୍ର
ଅଖଣ୍ଡ ଭାରତ ‖୩
ଶହ ଶହ ଦେଶ ମିଶି
ହେଇ ଯିବେ ଏକ,
ଗାଇବେ ଆଠ ଶ କୋଟି
ଏ ଦେଶର ଟେକ ‖ ୪
ବ୍ୟାଧି ବ୍ୟାପି ଯିବ ବିଶ୍ୱେ,
ବେଶି ସମ୍ଭାବନା;
ଆକ୍ରାନ୍ତ ନେତାଏ ବୁଲି
ବାଣ୍ଟିବେ କରୋନା ‖୫

ଲଲାଟେନ୍ଦୁ କବି ୨୦୨୦୦୮୧୯୧୩୫୦

ଅଧିରାଟ୍ - ୧୨

ଭିକ୍ଷାର୍ଥୀ ଅଧିରାଟ୍

ଦେଖାଇବେ ବୋଲି ନିଜ ପାରିବାରପଣ
ବ୍ୟାଘ୍ରପୃଷ୍ଠେ ଅଧିରାଟ୍ କଲେ ଆରୋହଣ !! ୧

ମରୁବକ ହନୁଗ୍ରହ ମଧ୍ୟେ ଶକ୍ତ ରସି
ଆଜ୍ଞା ମାତ୍ରେ ଅନୁଚରେ ଛଳେ ଦେଲେ କଷି ॥ ୨

ଛୁଟିଲା ବିଜୟବ୍ୟାଘ୍ର ବୀଥିକା ବସତି,
ରସି ଧରି ବସିବାକୁ ବାଧ ନର ପତି ॥ ୩

ବ୍ୟାଳ ଭୟେ ପୁରଜନେ ଲୁଚିଲେ ସଦନେ,
ଯହିଁ ଗଲା ବ୍ୟାଘ୍ର, ରାଜା ଚଳିଲେ ସେ ବନେ ॥ ୪

ପଙ୍ଗୁ ହେଲା ବ୍ୟବସାୟ ଉଦ୍ୟୋଗ ଉତ୍ପାଦ,
ଗୋପନେ ବ୍ୟାପିଲା ରାଜା-ଶାର୍ଦ୍ଦୂଳ ସଂବାଦ ॥ ୫

ମରି ଆଜୀବିକା ମଲା କ୍ରୟ ବିପଣନ,
ଲାଭ କାହୁଁ ହେବ, କର ପାଇବେ ରାଜନ ? ୬

ବ୍ୟାଘ୍ରପରୁ କୋଷ ଶୂନ୍ୟ ଜାଣି ନୃପବର,
ଆଜ୍ଞା କଲେ କର୍ମଚାରୀ ସଂଖ୍ୟା ଊଣା କର ॥ ୭

ଶୀଘ୍ର କର ମାଦକର ବହୁଳ ପ୍ରସାର,
ସେ ଟିକସେ ଉଠୁ ବାକି ବେତନର ଭାର ॥ ୮

ଅଧିରାଟ୍ ଚୌପାଶେ ଦୈନ୍ୟ ଘେରିଲା ଏ ପରି,
କରିବେ ଭିକ୍ଷା ପାରିଲେ ହିଂସ୍ରକୁ ଉତ୍ତରି ॥ ୯

ବ୍ୟାଘ୍ରଟିର ପରିଚୟ ଜାଣିଛ କି ନାହିଁ;
ନାମ ତାର ତାଲାବନ୍ଦୀ, ମନେରଖ ଭାଇ ॥ ୧୦

ମରୁବକ ହନୁଗ୍ରହ= ବାଘର ମାଡି; ବ୍ୟାଳ, ଶାର୍ଦ୍ଦୂଳ, ହିଂସ୍ରକ= ବାଘ;

ଲଲାଟେନ୍ଦୁ କବି ୨୦୨୦୦୮୨୩୨୩୦୪

ଅଧିରାଟ୍ - ୧୩

ପରାସ୍ତ ଅଧିରାଟ୍

ଆସିଲା କରୋନା ରାଣୀ ବିଜୟତିଳକ ଟାଣି
ଅଧିରାଟ୍ ଢୋକିଲେ ପାଣି ବୁଜି ନୟନ;
କାଲି କି କହି ଭାଷଣେ ଭୁଲାଇବେ ପ୍ରଜଗଣେ
ସେ କଥା ଚିତ୍ତଗହନେ ହେଲା ମନ୍ଥନ;
ଅଭିନବ ବିମୁଦ୍ରାୟନେ
ପ୍ରଜାଚିତ୍ତ ଯିବ କି ନବ ଉଦ୍‌ବେଳନେ?

ଲଲାଟେନ୍ଦୁ କବି ୨୦୨୦୦୮୨୬୨୩୪

.

ଅଧିରାଟ୍ - ୧୪

ମୟୂରପ୍ରେମୀ ଅଧିରାଟ୍

ଉତ୍ପାଦନ ଜୀବିକାନ୍ନ
ସଭାବନ ନାଶି,

ଗଳବ୍ରତ କୋଳାଗ୍ରତ,

ଅଧିରାଟ୍ ବିଳାସୀ ॥ ୧

କେକୀମୁଖେ ଦେଲେ ସୁଖେ

ନାନାବିଧ ଭୋଜି,

ପୁରବାସୀ ଗଲେ ଭାସି,

କାମ ଖୋଜି ଖୋଜି ॥ ୨

ଗଳବ୍ରତ, କେକୀ= ମୟୂର;

ନାନା ବୁଦ୍ଧି ଦେଲେ ଖୁନ୍ଦି:

ଗଢ କ୍ରୀଡନକ,

ମାଳ ମାଳ କୁତ୍ତା ପାଳ

ଯୁବତୀ ଯୁବକ ॥ ୩

ବୈଷୟିକ ବିଦ୍ୟାତକ

ହେବ ନିୟୋଜନ;

ପୁତ୍ତଳ ସଜାଇ କଲେ

କୁକ୍କୁରପାଳନ ॥ ୪

କ୍ରୀଡନକ= ଖେଳନା; ପୁତ୍ତଳ= କଣ୍ଢେଇ;

ଲଳାଟେନ୍ଦୁ କବି ୨୦୨୦୦୯୦୧୨୧୦୬

ଅଧିରାଟ୍ - ୧୫

ଅନ୍ଧଭକ୍ତର ଅଧିରାଟ୍

ଧନ ଗଲା ଜନ ମଲେ,

ଶୁଆ କହେ, ସାରୀ !

ଜିତିଲା କରୋନା ମୋଦୀ-

ନନା ଗଲା ହାରି ॥ ୧

ଅଞ୍ଜୁ କହେ ଜୀର୍ଣ୍ଣ ଦେହେ
ଏକା ଲଢୁଥିଲା;
ସେ ଲାଗି ବୁଢାକୁ ଭାଗ୍ୟ
ଦେଲା ଶକ୍ତ କୀଳା ॥ ୨

ଅର୍ଣ୍ଣବ କହୁଛି ଶିଖ
ଶୁଭ୍ର ପକ୍ୱ କେଶେ,
ବୁଢା କେତେ ଲଢିଅଛି
ଧନୁର୍ଦ୍ଧର ବେଶେ ॥ ୩

ସୁଧୀରା ଦେଖାଏ କାଢି
ବୁଢାର ଡିଏନେ;
କହେ ଦେଖ ଲୟେ, ଚାହିଁ-
ନାହିଁ ଏଣେତେଣେ ॥ ୪

ଧନ ରତ୍ନ ହେଉ ଶୂନ୍ୟ
ବୁଢା ଅର୍ଥଶାଳେ,
ତା ସମ ଲଢିବା ଜନ
କାହିଁ ବୃଦ୍ଧ କାଳେ ॥ ୫

ଏ ଭାବେ ବୁଢାର ଲକ୍ଷେ
ପାଳିତ କୁମର,
କହନ୍ତି, ଅଟନ୍ତି ପିତା
ଶ୍ରେଷ୍ଠ ଧନୁର୍ଦ୍ଧର ॥ ୬

ଦେଶ ପଛେ ହେଇ ଯାଉ
ଶ୍ରୀହୀନ କାଙ୍ଗାଳ,
ଚିତାଗ୍ନିକୁ ଲକ୍ଷ ନୋହୁ

କାଠ ଦୁଇ ଫାଳ;॥ ୭

ନେତ୍ର ସନ୍ନିକଟେ ନିଜ
ବଂଶ ହେଉ ଧ୍ୱଂସ,
ଧ୍ୱଜା ଧରି ଗାଉଥିବ
ଅଧିରାଟ୍ ସୁଯଶ ॥ ୮

ଭକ୍ତ ମୂର୍ଖ, ପତ୍ରକାର
ଅର୍ଥ ଆଶେ ଅନ୍ଧ,
ଏହାଙ୍କ ହୃଦୟେ ନାହିଁ
ଅନୁକମ୍ପା ଗନ୍ଧ ॥ ୯

ଲଲାଟେନ୍ଦୁ କବି ୨୦୨୦୦୯୦୨୦୧୦୭

.

ଅଧିରାଟ୍ - ୧୬
ଗର୍ବିତ ଅଧିରାଟ୍

ମୃତକ ମୁମୂର୍ଷୁ ମୂର୍ଚ୍ଛାଗତ ଶୂନ୍ୟୋଦର
ନିର୍ବସ୍ତ୍ର ଓ ବ୍ୟାଧିଗ୍ରସ୍ତ
କେବେ ହିଂସା କିମ୍ବା ବିରୋଧ କରନ୍ତି ନାହିଁ ।
ଆଶ୍ୱସ୍ତ ରୁହ ଅଧିରାଟ୍;
ତୁମ୍ଭ ରାଷ୍ଟ୍ରରେ ଅଖଣ୍ଡ ଶାନ୍ତି ଓ ଶୃଙ୍ଖଳା
ବିରାଜମାନ୍ ଅଛି ॥

ବାଣୀପୁତ୍ର ୨୦୨୦୦୯୧୪୧୦୦୭

ଅଧିରାଟ୍ - ୧୭

ନିଃସୂତ୍ର ଅଧିରାଟ୍

ନିଃସୂତ୍ର ଅଧିରାଟ୍ ଭାଳେ —
ତନୁରସେ ତିନ୍ତି
କେବେଠୁ କରୋନାରାଣୀ
ଯାଇଅଛି ଜିତି ॥୧

କିନ୍ତୁ ଗତିରୋଧ-ବ୍ୟାଘ୍ର
ଛାଡି ହେବ ନାହିଁ;
ଓଓରିଲେ ଖାଇବ ଏ
ଗୋଡାଇ ଗୋଡାଇ ॥୨

ବାଘ-ତୁଣ୍ଡି ରସି ଧରି
ଓହଳବିକଳେ;
ପୃଷ୍ଠେ ତାର ଯଥାକଥା
ଥିବି କଉଶଳେ ॥୩

ରାଷ୍ଟ୍ର ସାରା ଦୈନ୍ୟ, ମୃତ୍ୟୁ
ଗଲେ ଯାଉ ମାଡି,
ମରିବାକୁ ଯିବ କିଏ
ବ୍ୟାଘ୍ରପୃଷ୍ଠ ଛାଡି ?୪

ନିଃସୂତ୍ର= ଅସହାୟ; ତନୁରସ= ଝାଳ; ଗତିରୋଧ ବ୍ୟାଘ୍ର= ଲକଡାଉନ ରୂପକ ବାଘ;

ବାଣୀପୁତ୍ର ୨୦୨୦୦୯୧୮୦୦୨୯

ଅଧିରାଟ୍ - ୧୮

କୁତ୍ତା-ପତି ଅଧିରାଟ୍

ସତ୍ୟ ଭାଷା, ସଂବିଧାନ
ଜଳୁଛି ନିଭୃତେ,
ସବୁ କିଛି ସର୍ବମୟ
ଅଧିରାଟ୍-ଶ୍ରୀହସ୍ତେ ‖ ୧

ତାଙ୍କ ଶ୍ରୀମୁଖ-ବଚନ
ପଡିଲେ ନିଃସରି
ବେଦଠୁ ସେ ବଡ, ଆନ
ନାହିଁ ତାହା ସରି ‖ ୨

ତାଳି ପାଇଁ ପାଳିଥିବା
ବକ୍ରପୁଚ୍ଛ ଦଳ,
ପଦତଳ ବର୍ଜ୍ୟ ମଳ
ଚାଟିନ୍ତି ପ୍ରବଳ ‖ ୩

ନିକ୍ଷେପଣେ ମରି ନର
ସରି ଯିବେ ପ୍ରଜା,
କୁତ୍ତାଦଳେ ହେବେ ସିଏ
କୁତ୍ତା-ମହାରଜା ‖ ୪

ବାଣୀପୁତ୍ର ୨୧/୯/୨୦ ୧୦:୩୦

ୖ

.

ଅଧିରାଟ୍ - ୧୯

ପରିତ୍ୟକ୍ତ ଅଧିରାଟ୍

ବନ୍ଧୁଜନେ ଜଣେ ଜଣେ
ଯିବେ ଖସି ଖସି
ଅଧିରାଟ୍ ମୟୂରକୁ
ଖୋଉଥିବେ ବସି ॥୧

ନିଜ ସୈନ୍ୟ ଜଣ ଜଣ
ଗଲେ ଅପସରି,
ନିକାଳିବ ନିବାସରୁ
ବିଶ୍ୱସ୍ତ ପ୍ରହରୀ ॥ ୨

ଅନିତ୍ୟ ଏ ଅହଂକାର
ଜାଣ ତାଙ୍କ ଶିଷ୍ୟ,
ବାଣୀପୁତ୍ର ବେନି ନେତ୍ର
ଅଗ୍ରତେ ଭବିଷ୍ୟ ॥ ୩

୨୦୨୦୦୯୨୭୧୬୨୫

ଅଧିରାଟ୍ - ୨୦

ଜନ-ଅସନ୍ତୋଷ ଓ ଅଧିରାଟ୍

ସଭାକକ୍ଷେ ସମବେତ ନିର୍ଲଜ୍ଜ ପାର୍ଷଦ,
ଚାଟୂକ୍ତି ଶ୍ରବଣେ ରାଜା ଆନନ୍ଦ ଗଦ୍ଗଦ । ୧

ଜନପଦେ ବାଳବୃଦ୍ଧ କରନ୍ତି ଭର୍ତ୍ସନା
ଚାଟୁକାର ଲବ ମାତ୍ର କରେନା ସୂଚନା ।   ୨

ଲାଗିଛି ପ୍ରତିଯୋଗିତା, ହେବେ ପ୍ରିୟଜନ,
କିଆଁ କେ କରିବ ରାଜ-କୋପ ଉପାର୍ଜନ । ୩

ସ୍ୱସ୍ଥ ଥିବେ ଅଧିରାଟ୍ କଳ୍ପନାପ୍ରସବୀ;
ନିରନ୍ନ ଜର୍ଜର ଜନେ ହେବେ ଉପଦ୍ରବୀ; ୪

ବିକଳେ କହିବେ ରାଜା, "ଜନ ଅସନ୍ତୋଷ
ଲୁଚାଇଲେ ଚାଟୁକାରେ, ବଢିଲା ଆକ୍ରୋଶ ।" ୫

ବିଳପିବେ "କପାଳେ କି ଲେଖା ଥିଲା" କହି,
ନେଡି ଗୁଡ କହୁଣିକି ଯାଇଥିବ ବହି ।   ୬

୨୦୨୦୦୯୩୦-୨୩:୦୩

ଅଧିରାଟ୍ - ୨୧
ବଧିର ଅଧିରାଟ୍

ରାଜାମନ୍ତ୍ରୀକଟୁଆଳ
ଆମଯ଼ ବିକଳେ
ପ୍ରଶ୍ନୋତ୍ତର ବର୍ଜି ମୂକ
ରାଜସଭା କଲେ;   ୧

ଆଦେଶିଲେ ପରୀକ୍ଷଣ
ଶତ କୋଶ ଦୂରେ
ପୁତ୍ର କନ୍ୟା ଦେବେ ଯାଇ
ଅନାଙ୍ଖାତ ପୁରେ ॥୨

କୃଷକର ହିତ କହି
ଯାହା କୃତ୍ୟ କଲେ
ହିତ ସେ କରିବ, କେହି
ପରତେ ନ ଗଲେ; ୩

ସର୍ବେ ନିବେଦିଲେ ତାହା
ନ କରିବା ପାଇଁ,
କାନ୍ଦି ମର, ଅଧିରାଟ୍
ଶୁଣିବାର ନାହିଁ ||୪

୨୦୨୦୧୦୦୭୨୨୦୯

अधिराट् - ୨୨

ପ୍ରତିଜ୍ଞାକୁଶଳୀ ଅଧିରାଟ୍

ନିତିଦିନ ମିଥ୍ୟା ନବ-
ଆଶ୍ୱସନ କିମ୍ପାଁ ତବ
ଶ୍ରୀମୁଖରୁ ହେ ଅଧିରାଟ୍
କଲ ଉତ୍କ୍ଷେପଣ?

ମିଥ୍ୟା-କୋଷ ହେଲା ଖାଲି,
କି ଦେଇ ସୃଜିବ କାଲି
ନବୀନତରୁଣ ପ୍ରାଣେ
ମିଥ୍ୟା-ସମ୍ମୋହନ ?

ବାଣୀପୁତ୍ର ୨୦୨୦୧୦୨୯୧୩୧୫

ଅଧିରାଟ୍ - ୨୩

ଧୃତରାଷ୍ଟ୍ର ଓ ନୂତନ ଅଧିରାଟ୍

ମିତ୍ରତା ମର୍ଯ୍ୟାଦା ରଖି
କର୍ଣ୍ଣ ଦେଲା ଲମ୍ଫ,
ଅର୍ଜ୍ଜୁନର ଏହା ଦେଖି
ବଢିଲା ହୃତ୍କମ୍ପ ॥ ୧

ଭଗବାନ ଭାସିଗଲେ
ଚାମୁଚା ପ୍ରୀତିରେ,
କର୍ଣ୍ଣମଥା କଟାଇଲେ
ଅନ୍ୟାୟ ରୀତିରେ ॥ ୨

ନିରୁତ୍ତର ଧୃତରାଷ୍ଟ୍ର !
ଶୁଣ ମିଛ ଖଚ,
ଯେଣୁ ତୁମେ ଯୁଦ୍ଧଭୂମେ
ହାରି ଯାଇଅଛ ॥ ୩

ପ୍ରବଞ୍ଚନେ ଭଗ୍ନଜାନୁ
ଦୁର୍ଯ୍ୟୋଧନ ହତ,
କହିବେ ଯା ଅଧିରାଟ୍
ମିଛ ମଧ୍ୟ ସତ ॥ ୪

ଲଲାଟେନ୍ଦୁ କବି ୨୦୨୦୦୯୨୭୧୫୧୫

ଅଧିରାଟ୍ - ୨୪
ପଶାକାଠି ଓ ଅଧିରାଟ୍

ସମ୍ବିଧାନ ପ୍ରଜାହିତ   ସମ୍ପାଦନ ଆଶେ,
ନାନାବିଧ ଅନୁଷ୍ଠାନ   ଦେଲା ଦେଶ ପାଶେ ।   ୧

ମନ୍ଦମତି ଛନ୍ଦ କରି   ଭିତରେ ଭିତରେ,
କରଗତ କଲା ସବୁ   ଆପଣା ହିତରେ ।   ୨

ସବୁ ସଂସ୍ଥା ପରାକ୍ରମ   କରି ଗୋଡିମାଟି,
ଶକୁନି ଖେଳୁଛି ଧରି   ସେହି ପଶାକାଠି ।   ୩

ନିର୍ବଚନ ସଭାଜନ,   ଅଧିରାଟ୍ ପ୍ରସନ୍ନ;
ପରାଜିତ ଧର୍ମସୁତ   ଯିବ ଘୋରବନ ।   ୪

ମିଥ୍ୟା-ମତ-ଗଣତିକୁ   ଜନେ ଥିଲେ ଚାହିଁ,
ଇଭିଏମ୍ ମନ୍ତ୍ରିତ ପଶା,   ହାରିବାର ନାହିଁ ।   ୫

ଲଲାଟେନ୍ଦୁ କବି   ୨୦୨୦୧୧୨୩୦୧୦୫

ଅଧିରାଟ୍ - ୨୫
ବୈଠକପ୍ରିୟ ଅଧିରାଟ୍

ରାଜାଜ୍ଞା ଏ -   ଶୁଣ ମନ ଦେଇ,
ଅବିଳମ୍ବେ ଯାଅ ମନ୍ତ୍ରୀ,
ଯାଅ ବିଦୁଷକ;
ସାରାଦିନ -   ନାଗରା ବଜେଇ
କରି ଆସ ପୁଣି ଏକ
ନିଷ୍ଫଳ ବୈଠକ । ୧

ଫଳଶୂନ୍ୟ ବାର୍ତ୍ତାଳାପ ସାରି
କହି ଦେବ ଖେଳି ଗଲା
ସୌହାର୍ଦ୍ୟ ଲହର;
ସାତ ସିନ୍ଧୁ ତେର ନଦୀ ପାରି,
ଅଧିରାଟ୍‌ର ପରାକ୍ରମେ
ସର୍ବେ ଥରହର । ୨

ଲଲାଟେନ୍ଦୁ କବି ୨୦୨୦୧୨୦୭

ଅଧିରାଟ୍ - ୨୬
ଶର୍କରା ବିତରକ ଅଧିରାଟ୍

ରୁଦ୍ଧ ଥାଉ ଅଧିରାଟ୍
ପ୍ରାସାଦ ଫାଟକ;
ନାହିଁ ଆଉ କରିବାର
ନିଷ୍ଫଳ ବୈଠକ ।୧

କରନାହିଁ ଧାର୍ଯ୍ୟ ପୁଣି
ବୈଠକ ଦିବସ;
ଏକା ବାକ୍ୟ ଶୁଣି ଶୁଣି
ଶ୍ରବଣ ବିବଶ ।୨

ବଜାଅ ବିଜୟତୁରୀ
ହର୍ଷୋଲ୍ଲାସ ପାଇଁ,
ଶର୍କରା ଲେପିତ ଛୁରୀ
ଛୁଇଁବାର ନାହିଁ ।୩

ଲଲାଟେନ୍ଦୁ କବି ୨୦୨୦୧୨୦୭

ଅଧିରାଟ୍ – ୨୭

ବୀରପଣେ ଅଧିରାଟ୍

ଅଧିରାଟ୍ କହନ୍ତି ମୁଁ ଛାଡିବି ନାହିଁ,
ପ୍ରତ୍ୟହ କରୁଥିବି ଉଗ୍ର ଲଢାଇ । ୧

ଅଛନ୍ତି ମୋ ଦେଶରେ ଯେତେକ ପ୍ରଜା,
ଯୁଝିଲେ ସିନା ସର୍ବେ ଲଭିବେ ମଜା । ୨

ଲଢିବି ଚାଷୀକୁଳେ, କେବେ ଶ୍ରମିକେ,
ଯୁଦ୍ଧଜୟରେ ଥୟ ନ ଦେବି ଟିକେ ।୩

କେବେ ବିଦ୍ୟାର୍ଥୀ କେବେ ନିଯୁକ୍ତିହୀନ
ବିପକ୍ଷେ ଘୋର ଯୁଦ୍ଧେ ହେବି ପ୍ରଡୀନ ।୪

କେବେ ବା ରାଜକର୍ମେ ଯେତେ ନିଯୁକ୍ତ
ହେବି ତାହାଙ୍କ ସହ ରଣେ ପ୍ରବୃତ୍ତ । ୫

କେବେ ବା କେଉଁ ଧର୍ମ ପାଳନକାରୀ
ଉପରେ ବୀରପଣ ଦେବି ଉତ୍ତାରି । ୬

ଏମନ୍ତ ଭୟଭୀତ କରି ସକଳେ
ଶାସିବି ନିରବଧି ମେଦିନୀ ତଳେ । ୭

ଅସମ୍ପୂର୍ଣ୍ଣ

ଅଧିରାଟ୍ – ୨୮ ପ୍ରଜାଶକ୍ତି ଓ ଅଧିରାଟ୍

ପ୍ରଜାଶକ୍ତି ପରାକ୍ରମ ଜାଣିନ ରାଜନ,
ଜାଗିଲେ ଭାଗିବ ତେଜି ରାଜ-ସିଂହାସନ ॥ ୧

ସିଂହାସନୁ ସମ୍ମୁହାରେ ତଳେ ଯିବ ଟଳି,
ଉଡି ଯିବେ ଶତପତ୍ତ୍ରେ ବଂଶୀ ଯିବ ଜଳି ॥ ୨
ଶତପତ୍ତ୍ର= ମୟୂର;

ନ ଆସିବେ ସମ୍ମୁଖାରେ କେହି ଚାଟୁକାରେ,
ଆମରଣ ହେଇ ପାରେ ବାସ କାରାଗାରେ ॥ ୩

ଚାଲି ଥାଅ ଇତିହାସ ପାଠ୍ୟ ବଦଳାଇ,
ତହିଁରୁ ତୁମେ ବି ଲେଶ ଶିଖିବାର ନାହିଁ ॥ ୪

ବାଣୀପୁତ୍ର ୨୦୨୦୦୯୩୦-୨୩:୦୩

ଅଧିରାଟ୍ – ୨୯ ନିଶ୍ଚିନ୍ତ ଅଧିରାଟ୍

ସଭାକକ୍ଷେ ସମବେତ ନିର୍ଲଜ୍ଜ ପାର୍ଷଦ,
ଚାଟୂକ୍ତି ଶ୍ରବଣେ ରାଜା ଆନନ୍ଦେ ଗଦ୍ଗଦ ।

ଜନପଦେ ବାଳବୃଦ୍ଧ କରନ୍ତି ଭର୍ତ୍ସନା
ଚାଟୁକାର ନ ଦିଅନ୍ତି ସାମାନ୍ୟ ସୂଚନା ।

ଲାଗିଛି ପ୍ରତିଯୋଗିତା, ହେବେ ପ୍ରିୟଜନ;
କିଆଁ କେ କରିବ ରାଜ- କୋପ ଉପାର୍ଜନ ।

ବିହରିବେ ଅଧିରାଟ୍ ନିଶ୍ଚିନ୍ତେ ନିବାସେ
ଦୀନଜନେ ନିକାଳିବା ଯାଏ ପଦାଧାସେ |
XXXXX

ଅଧିରାଟ୍ - ୩୦
ନିଷ୍କପଟ ଅଧିରାଟ୍

ଶୁଣ ଛାତ୍ର କୃଷିକାରୀ ନିଷ୍କର୍ମ ଶ୍ରମିକ,
ଅଧିରାଜେ ବ୍ୟଥା କଥା କର ନା ଅଧିକ,
କଲେ ଉପୁଜାଇ ଭୀତି
ଭୟାବହ କରି ଦେବେ ତୁମ୍ଭ ପରିସ୍ଥିତି |୧

ନିଷ୍କର୍ମ= ବେରୋଜଗାର, jonless;

ଅଧିରାଟ୍ ସରଳ ଯୁବା, ଚପଳ ଚଞ୍ଚଳ,
ଆମୋଦ ବିହାରେ ଦୃଶ୍ୟ ଦେଖନ୍ତି ସକଳ,
କେବେ ବଜାଇ ନିଷଦ,
ବାଦ୍ୟଧରବୃନ୍ଦ ମେଳେ ଲଭନ୍ତି ଆନନ୍ଦ |୨

ନିଷଦ= ବାଦ୍ୟ; ବାଦ୍ୟଧରବୃନ୍ଦ= ବେଣ୍ଡ୍‌ପାର୍ଟୀ;

ଗଳବ୍ରତ ତ୍ରିପାଟିକେ କରାନ୍ତି ପ୍ରାଶନ,
କରିଥାନ୍ତି ସୂତ୍ରକଣ୍ଠ ପୃଷ୍ଟେ ସମ୍ମର୍ଶନ;
ବାଇ ମୋହନ ମୂରଲୀ,
ଅଳ୍ପାହାର କରିଥାନ୍ତି ଯାଇ ପୁରପଲ୍ଲୀ |୩

ଗଳବ୍ରତ ତ୍ରିପାଟିକା= ମୟୂର ଅଣ୍ଡ; ପ୍ରାଶନ= ଭୋଜନ;
ସୂତ୍ରକଣ୍ଠ= କପୋତ; ସମ୍ମର୍ଶନ= ସାଉଁଳିବା; ଅଳ୍ପାହାର= ଟିଫିନ୍;

ପୁତ୍ର ନାହିଁ କନ୍ୟା ନାହିଁ		ପରିତ୍ୟକ୍ତା ଜାୟା,
ପାଞ୍ଚ ଫୁଟ ବ୍ୟାସ ବକ୍ଷ		ବୀରସ୍କନ୍ଧ କାୟା,
	ଏବେ ବଢାଇ ଲମ୍ବୁଦ,
କୁଭା ପାଳିନ ନିମନ୍ତେ		କଲେଣି ଉଦ୍ବୁଦ୍ଧ | ୪
	ବୀରସ୍କନ୍ଧ= ମଇଁଷି; ଲମ୍ବୁଦ= ଶ୍ମଶ୍ରୁ, ଦାଢି;

ଜଠର ଜ୍ୱଳନେ ଜାୟା		ଜଳାଉଛି ଚୁଲ୍ଲୀ,
କାନ୍ଦି କାନ୍ଦି କନୀନିକା		ଯାଉଅଛି ଫୁଲି,
	ହେଲେ ଅଧିରାଟ୍ ବିଳାସୀ,
ବ୍ରହ୍ମାଣ୍ଡ ବିହାରେ ମଗ୍ନ,		ପ୍ରାୟତଃ ପ୍ରବାସୀ |୫

	କନୀନିକା= ଆଖିଡୋଳା;

ଅଧିପତି କରୁଛନ୍ତି		କଠୋର ଶାସନ,
ଶ୍ରୀମୁଖେ ଭାଷନ୍ତି ଯାହା		ସେହି ସଂସ୍ଥାପନ,
	କେହି କଲେ ବିରୋଧନ
କାରାବାସ ଭୋଗିବ ସେ		ଯାବତ ନିଧନ |୬

	ସଂସ୍ଥାପନ= ନିୟମ;

ଲଲାଟେନ୍ଦୁ କବି ୨୦୨୦୧୨୧୩୧୧୦୧

ଅଧିରାଟ୍ - ୩୧

ପଦଚ୍ୟୁତ ଅଧିରାଟ୍

ବିଶ୍ୱସ୍ତ ପ୍ରହରୀ   ଗୋଟି ଗୋଟି କରି
	ନିରେଖି ପେଟିକା ତବ
ଗଳେ ମାରି ହାତ		ପେଟିକା ସହିତ
	ନିବାସୁ ନିକାଳି ଦବ | ୧

ପେଟିକା= ପେଡି ପୁଟୁଳା;

ଶ୍ରମିକେ ଚଲାଇ କୃଷକେ ଭଣ୍ଡାଇ
ପାଠକେ ଯା କନ୍ଦାଇଲ,
ତରୁଣୀ ତରୁଣ କଲ କର୍ମହୀନ
ରାଜପଣ ହରାଇଲ । ୨

ଅଧିରାତ୍ ଡରନା ଉଚ୍ଛନ୍ନ କରନା
ହେଲା ବୋଲି ବେଳ ଏବେ,
ନ ମାରି ତୁମକୁ ସେ ତୁମ ଗ୍ରାମକୁ
ଚଲାଇ ଚଲାଇ ନେବେ । ୩

ତବ ଯାତ୍ରାପଥେ ହେମାଳ ନିଶୀଥେ
ବିଶ୍ରମିବେ ଯାତ୍ରୀଦଳ,
ଭାରବାହଯାନେ କୃଷକ ଯେସନେ
ବିତାଇବ ରାତ୍ରି କାଳ । ୪
ଭାରବାହଯାନ=ଟ୍ରକ୍;

ପହଞ୍ଚି ଗ୍ରାମରେ ଯଶୋଦା ପୟରେ
ମାଗି ନେବ ମହୋପେକ୍ଷା,
ହ୍ରାସ ହେବ ପାପ ଦଣ୍ଡ ହେବ ଅଳ୍ପ
ଯମ ପାଶେ ହେବ ଲେଖା । ୫
ଯଶୋଦା= ଗୋପର ନୁହନ୍ତି ଏମିତି ଜଣେ; ମହୋପେକ୍ଷା= କ୍ଷମା;

ଲଲାଟେନ୍ଦୁ କବି ୨୦୨୦୧୨୨୦୧୦୦୦

ଅଧିରାଟ୍ - ୩୨

ଆତୁର ଅଧିରାଟ୍

ଆରାମେ ଆସ୍ତରେ ହୁଅ ଗାଢ ନିଦ୍ରାଗତ,
ଆଉ ଆଜ ଅଧିରାଜ ଆତୁର କି ପାଇଁ?
ତୁମ ପ୍ରତି ନ୍ୟାୟ ଦେବା ବେଳ ଉପଗତ,
ତୁମଠୁ କେ ନ୍ୟାୟ ଆଉ ମାଗିବାର ନାହିଁ ।

ଆସ୍ତର= ବିଛଣା;

ଲଲାଟେନ୍ଦୁ କବି ୨୦୨୦୧୨୨୨୦୩୦୦

ଅଧିରାଟ୍ - ୩୩

କିଂକର୍ତ୍ତବ୍ୟବିମୂଢ ଅଧିରାଟ୍

ଏଣେ ପୁଞ୍ଜିପତି ତେଣେ ବିକ୍ଷୁବ୍ଧ କୃଷକ;
ଗବାକ-କର୍ତ୍ତରୀ ମଧ୍ୟେ ବିଧୁର ଶାସକ । ୧

ଗବାକ= ଗୁଆ; କର୍ତ୍ତରୀ-କାଟିବା ଯନ୍ତ୍ର;

କ୍ରୁଦ୍ଧ ହେଲେ ପୁଞ୍ଜିପତି ବୁଡାଇବେ ଭେଳା;
ଆରପାରେ ଚାଷୀଙ୍କର ବଢୁଅଛି ମେଳା ।୨

କିଂକର୍ତ୍ତବ୍ୟବିମୋହିତ ଗୋବର-ମସ୍ତକ;
କାଳକ୍ଷେପ ଆଶେ ଖାଲି ନିଷ୍ଫଳ ବୈଠକ ।୩

ଚାଟୁକାର କହୁଛନ୍ତି ଅଧିରାଟ୍ ଡରନା,
କୃଷିକାରୀ ନୁହନ୍ତି ଏ, ପରୁଆ କରନା । ୪ 😜

ଲଲାଟେନ୍ଦୁ କବି ୨୦୨୧୦୧୦୨୨୩୨୮

ଅଧିରାଟ୍ - ୩୪

ନିଷ୍ଫଳବୈଠକପ୍ରିୟ ଅଧିରାଟ୍

ପୁଞ୍ଜିପତିଗଣେ ଧୂପ- ଚନ୍ଦନେ ବନ୍ଦାଇ,
କୃଷକଙ୍କୁ ପଥଧାରେ କନ୍ଦାଇ କନ୍ଦାଇ ୧

ଶ୍ରମିକେ ସହସ୍ର କୋଶ ଚଲାଇ ଚଲାଇ,
ପ୍ରଜା-ପ୍ରାଣେ ହେବ ନାହିଁ ଆସ୍ଥା ଉପୁଜାଇ ।୨

ବନ୍ଦ ରଖି ପ୍ରଜା ଲାଗି ନଗର ଫାଟକ,
ଭୃତ୍ୟ ଦେଇ କରାଉଛ ନିରର୍ଥ ବୈଠକ ୩

ନିଷ୍ଫଳ ବୈଠକ କେତେ କରିବ ରାଜନ?
ଏ ଭାବେ ହୁଏ ନା କେହି ବିଶ୍ୱାସଭାଜନ । ୪

ଶୁଣ ବାରେ ଅଧିରାଟ୍ ଲଲାଟେନ୍ଦୁ କବି ବାଣୀ,
ମହାସ୍ରୋତେ ଅଛ, ଏବେଆସିବ ଉଜାଣି । ୫

ବୁଡି ଯିବ ନଦୀଜଳେ ବାର୍ବଟ ତୁମର,
ଆପନ୍ନ କୃଷକ ସଙ୍ଗେ କର ନା ସମର ।୬

ବାର୍ବଟ= ନୌକା;

ବୈରୀ ସହ ଲଢି ମରି ଦେଖା ବୀରପଣ,
ପ୍ରଜା ପରେ ବନ୍ଦ କର ଯୁଦ୍ଧ ଉଦ୍ଘୋଷଣ ।୭

ଲଲାଟେନ୍ଦୁ କବି ୨୦୨୧୦୧୦୨୨୩୨୮

ଅଧିରାତ୍ - ୩୫

ଛାଡ ରାଜା ଶୂନ୍ୟଗର୍ଭ ପୁଣ୍ୟପ୍ରବଚନ

ନିଷ୍ଫଳ ବୈଠକ କେତେ କରିବ ରାଜନ?
ଏ ଭାବେ ହୁଏ ନା କେହି ବିଶ୍ୱାସଭାଜନ । ୧

ତେଜି ରାଜପଣ-ଦର୍ପ   ତେଜି ଟାଣପଣ
କର ବେଗେ କୃଷକର   ଅପେକ୍ଷା ପୂରଣ ।୨

ନ ଶୁଣିଲେ ହିତବାଣୀ,   ହେଲେ ଦୃପ୍ତମନା
ଅଚିରେ ଘୋଟିବ ଘୋର ଭାଗ୍ୟ-ବିଡମ୍ବନା ।୩

ଭାଗ୍ୟବିଡମ୍ବନେ ପ୍ରାଜ୍ଞ   ନ ପାରିବେ ତରି
ବଳବାନ ମରି ଯିବେ   ଜଳପାନ କରି । ୪

ଶୂନ୍ୟଗର୍ଭ ଘଟେ ବୃଥା   ପୁଣ୍ୟ ପ୍ରବଚନ
ଫଳବନ୍ତ ହେବ ନାହିଁ   ଛଳ ଆସ୍ଫାଳନ ! ୫

ଅନ୍ଧଭକ୍ତ ଗହଣରେ   ମାର ବାକ୍ୟ ବାଣ,
ଅନ୍ୟତ୍ର ବାରଣ ମିଥ୍ୟା   କାହାଣ କାହାଣ ।୬

ମିଥ୍ୟା କହି ହେଉଅଛ   ବୃଥା ଲୋକହସା
ତୁହା ତୁହା ମିଛ କୁହା   ବରଜ ସହସା । ୭

ଲଲାଟେନ୍ଦୁ କବି   ୨୦୨୧୦୧୦୫୧୮୩୧

ଅଧିରାଟ୍ - ୩୬

ଅମରତ୍ୱପ୍ରିୟ ଅଧିରାଟ୍

ଅଧିରାଟ୍ କହନ୍ତି ମୁଁ   ଛାଡିବି ନାହିଁ,
ପ୍ରତ୍ୟହ କରୁଥିବି   ଉଗ୍ର ଲଢାଇ ।୧

ଅଛନ୍ତି ମୋ ଦେଶରେ   ଯେତେକ ପ୍ରଜା,
ଯୁଝିଲେ ସିନା ସର୍ବେ   ଲଭିବେ ମଜା ।୨

ଲଢିବି ଚାଷୀକୁଳେ,   କେବେ ଶ୍ରମିକେ,
ଯୁଦ୍ଧଜୟରେ ଥୟ   ନ ଦେବି ଟିକେ ।୩

କେବେ ବିଦ୍ୟାର୍ଥୀ କେବେ ନିଯୁକ୍ତିହୀନ
ବିପକ୍ଷେ ଘୋର ଯୁଦ୍ଧେ   ହେବି ତଲ୍ଲୀନ । ୪

କେବେ ବା ରାଜକର୍ମେ   ଯେତେ ନିଯୁକ୍ତ
ହେବି ତାହାଙ୍କ ସହ   ରଣେ ପ୍ରବୃତ୍ତ ।୫

କେବେ ବା କେଉଁ ଧର୍ମ   ପାଳନକାରୀ
ଉପରେ ବୀରପଣ   ଦେବି ଉତ୍ତାରି ।୬

ଏ ଭାବେ ନାନାବିଧ   ପେଞ୍ଚ ବସାଇ,
ପ୍ରସ୍ତରଯୁଗେ ଦେଶ   ନେବି ଧସାଇ ।୭

ଯେ କହୁ ପାପିଷ୍ଠ ବା   କ୍ରୁର ଶାସକ,
ଲେଖିବ ନାମ ଇତି-   ହାସ ପୁସ୍ତକ । ୮

ଲଲାଟେନ୍ଦୁ କବି   ୨୦୨୧୦୧୦୬୧୭୩୮

ଅଧିରାଟ୍ - ୩୭

ସ୍ମୃତିଚ୍ୟୁତ ଅଧିରାଟ୍

ପଡିଛି ପରୀକ୍ଷାପ୍ରଶ୍ନ - କହ କେ ଶାସକ
ବସାଇଛି ସର୍ବାଧିକ ନିଷ୍ଫଳ ବୈଠକ?
ପିଲେ ଲେଖିଲେ ଉତ୍ତର -
ସେହି ନାମଗୋଟି ଆମ ମଉସା ମାତର ||୧

ଅଭିଯୋକ୍ତା ଅଭିଯୁକ୍ତ ଅଭିଯୋଗ ବିନା
ତିଥି ଧାର୍ଯ୍ୟ କରି କରି ମତି ହେଲା ଖିନ୍ନା;
ଶେଷେ କଲା ଉଦ୍ଘୋଷଣ
ମୋ ପାଶରୁ ଆଶା କିଛି ନ କର ପୋଷଣ ||୨

ମଉସା ଖେଳିବ ଏବେ ଠେକୁଆ ସଙ୍ଗତେ,
ଖେଳି ସାରିଅଛି ସିଏ ମୟୂରକପୋତେ,
ପୁଣି କୁକ୍କୁର ରୁଣ୍ଡାଇ
କଣ୍ଢେଇ ବିକିବ ବୁଲି ମୁଣ୍ଡାଇ ମୁଣ୍ଡାଇ || ୩

ନିଜକୁ ଭାବିଛି ମୌସା ଅଧିରାଟ୍ ଦେଶର,
ମନେ ନାହିଁ ରାଜପଣ ଷାଠିଏ ମାସର
ଜନମତେ ସିଂହାସନେ
ବସିଅଛି ଖସି ଯିବ ଜନ-ଆବେଶନେ ||୪

ଆବେଶନ= ଆକ୍ରୋଶ, କ୍ରୋଧ;

ଲଲାଟେନ୍ଦୁ କବି ୨୦୨୧୦୧୨୩୨୨୩୪

ଅଧିରାଟ୍ - ୩୮

ଶାନ୍ତିଯାତ୍ରାରେ ଅଧିରାଟ୍

ରୁଷିଆକୁ ଗଲ ପୁଣି ୟୁକ୍ରେନ୍ ମଧ୍ୟ ଗଲ
ଯୁଦ୍ଧ ଶେଷ କରିବାଲେ ତଥାପି ବିଫଳ ।

ଗୃହଯୁଦ୍ଧ ଚାଲିଅଛି ନିଜ ମଣିପୁରେ
ତୁମ ପରେ ରଜା ହେବା ପାଇଁ ନିଜ ପୁରେ ।

ଦେଶରୁ ସନ୍ତ୍ରାସ ତିଳେ କମାଇଲ ନାହିଁ
ପ୍ରଜାଙ୍କୁ ମରାଇଥିଲ ଚଲାଇ ଚଲାଇ ।

ଝାଉଁଳି ପଡୁଛ ତୁମେ ଟିକିଏ ତାପରେ
ନୁଆଇଁ ରଖୁଛ ମୁଣ୍ଡ ବିଦେଶୀ ଚାପରେ ।

ଦୂରଭାଷେ କହି ରଖି ଦିଅ ପରା ଯୁଦ୍ଧ
ଗୋଡହାତ ଧରି ତାହା ନ ପାରିଲ ବୃଦ୍ଧ ।

ମାର ନା ମାର ନା ମିଛ ବାହାସ୍ଫୋଟ ଆଉ
ସତ୍ୟ କିଛି କହ ଥରେ ବେଳ ଥାଉ ଥାଉ ।

L. Kabi 20240813

ବାଣୀପୁତ୍ର ୨୦୨୦୦୯୩୦-୨୩:୦୩

ଅଧିରାଟ୍ - ୩୯

କୀଳାଗ୍ରହୀ ଅଧିରାଟ୍

ମଞ୍ଚସ୍ଥ ନ କରି ମିଥ୍ୟା ବିଜୟନାଟକ
ପୁଣି କର ଅଧିରାଟ୍ ନିଷ୍ଫଳବୈଠକ । ୧

ଭାବିଥିଲ, "ଆନ୍ଦୋଳନ ସମାପ୍ତ ହେଲା," କି?
ଅନେକ ଅଧ୍ୟାୟ ଏବେ ରହିଅଛି ବାକି ! ୨

କଳା ଏ ବିଧାନତ୍ରୟ କେଉଁଠାରେ ଥିଲା,
ଖୋଜି ଖୋଜି ନିଜ ଗାତ୍ରେ ପଶାଇଛ କୀଳା ।୩

ସବୁ ଜନେ ପେଞ୍ଚବୁଦ୍ଧି କାତ ପାଏ ନାହିଁ,
ସବୁ ସ୍ମୃତି ଜନମନୁ ଶାନ୍ତ ହୁଏ ନାହିଁ । ୪

ରାଜ୍ୟରକ୍ଷା ହୁଏ ନାହିଁ ଭେଦମଞ୍ଜି ବୁଣି
ସର୍ବଜନେ ସମଭାବ ରଖେ ସିନା ଗୁଣୀ; ୫

ଭେଦବିଦ୍ୟା ବିବେକର ତୁଚ୍ଛା ନିର୍ବାସନ,
ହୃଦୟଟା କାଢି ରଖି ହୁଏନା ଶାସନ । ୬

ଲଲାଟେନ୍ଦୁ କବି ୨୦୨୧୦୧୨୯୨୧୦୬

ଅଧିରାଟ୍ - ୪୦
କୀଳାଖଞ୍ଜା ଅଧିରାଟ୍

ରାଜପଥେ ରାଜକୀଳା ଦେଇଛ ଖଞ୍ଜାଇ
ହୃଦୟ ବଦଳେ ଶିଳା ରଖିଛ ସଜାଇ । ୧

ଗୋଟି ଗୋଟି ରାଜକୀଳା କହୁଅଛି କଥା
ପ୍ରଜାଲାଗି ରାଜା ହୃଦେ ଏହି ବତ୍ସଳତା ।୨

ଲକ୍ଷ ଲକ୍ଷ କୀଳାର ଏ ବିକଟାଳ ରବ
ଦେଶ ଶୁଣେ ବିଶ୍ୱ ଶୁଣେ; ତୁମେ? ଅସମ୍ଭବ । ୩

ଶୁଣ ବା ନ ଶୁଣ ଦିନେ ଭେଦି ବନ ଗିରି
ଏହି ରବ ନିଶ୍ଚେ ତବ ଛାଡି ଦବ ଚିରି ।୪

ଦେହରୁ ଅକାଳେ ତୁମ ପ୍ରାଣ ଯିବ ଛୁଟି,
ପାଶେ କିଏ ଯିବ, ପାଦେ କୀଳା ଯିବ ଫୁଟି । ୫

ଶୁଣୁ ନାହଁ ଅଧିରାଟ୍ ଏବେ ହିତ ବାଣୀ;
ମଲା ବେଳେ ମୁଖେ କିଏ ଦେବ କଳେ ପାଣି?୬

ଲଲାଟେନ୍ଦୁ କବି ୨୦୨୧୦୨୦୪୧୦୨୫

ଅଧିରାଟ୍ - ୪୧
କୀଳାକଢା ଅଧିରାଟ୍
===========
ଗରିବ ମାଇପ ନୁହେଁ
ନେତାଙ୍କର ଶାଳୀ
କାମ ଦିଏ, ଦେଉଅଛି
ଲଲାଟେନ୍ଦୁ କବି ଗାଳି । ୧

କୀଳା ଖଞ୍ଜି ଅଧିରାଟ୍
ଖସାଇଲେ ଟେକ,
ଅପକର୍ମ କରି ଏବେ
ଧୋଉଛନ୍ତି ଦେଖ । ୨

କୀଳା ଖଞ୍ଜି କଲେ ରାଜା
ନାନା ଉଚ୍ଚାଟନ
ଏବେ ତାଙ୍କ ମୁଖ୍ୟ କାର୍ଯ୍ୟ
କୀଳା ଉତ୍ପାଟନ । ୩

ଆନେ କୀଳା ମାରିବାରେ କି
ସୁଖ ଥିଲା ରେ?
କୀଳା ମାରି ଆସିଥିଲେ
ଚଳିବେ କୀଳାରେ । ୪

ଲଲାଟେନ୍ଦୁ କବି ୨୦୨୧୦୨୦୪୧୭୩୫

[ଅଧିରାଟ୍ - ୪୨]
ଅମର ଅଧିରାଟ୍
=============

ଐତିହାସିକ ଏ କୀଳା ରାଜପଥ ପରେ
ଦେଖିନ ତ ଦେଖି ନିଅ ଚିତ୍ରଲେଖ ଥରେ । ୧

କୀଳା ହେଲା ଜନପଦେ ବିଭାଜକ ଚିହ୍ନ
ଏକ ପାଖେ ରାଜଧାନୀ ସେପାଖେ ଗ୍ରାମୀଣ ।୨

ଦୁଇ ପାଖ ଲୋକ କିନ୍ତୁ ଥିଲେ ଏକମନ,
ରେଖା ନ ପାରିଲା କରି ହୃଦେ ବିଭାଜନ । ୩

ଭଗ୍ନ ହୃଦୟରେ କୀଳା କଢା ହେଲା ଶେଷେ,
ଛାପ ତାର ରହିଗଲା ଏ ସମଗ୍ର ଦେଶେ । ୪

ଏହି କୀଳା କେହି କେବେ ନ ଦିଅ ଫୋପାଡି,
କୌତୁକ-ଆଳୟେ ରଖ ଯତନେ ସଜାଡି । ୫

କାଳେ କାଳେ ଦେଖୁଥାନ୍ତୁ ସାରା ବିଶ୍ୱବାସୀ,
କି ପ୍ରକାର ଅଧିରାଟ୍ ଏଠି ଥିଲେ ଶାସି । ୬

ଜନତନ୍ତ୍ରେ ଜନମତେ   ଜନସଭା ଯାଇ
ଜନପଦେ ଜନାତଙ୍କ   ରଚିଲେ ଗୋସାଇଁ । ୭

ଇତିହାସେ ରହୁ ନାମ   ଅଜର ଅମର,
କଠୋର ଶାସନକାର୍ଯ୍ୟେ ଅତି ଧୁରନ୍ଧର । ୮

ଲଲାଟେନ୍ଦୁ କବି ୨୦୨୧୦୨୦୪୧୮୨୭

ସେ ଖିଲରେ ହେବ ନାହିଁ ପତ୍ର ଫୁଲ ଫଳ,
ନିଜ କୀଳା ନିଜେ ଖଞ୍ଜି ରଖିଲ କେବଳ ।
ଦେଖି ହସେ ଚାଷୀ ଭାଇ:
"ଏଡ୍ଡେଟେ ମସ୍ତକ ଅଛି, ମସ୍ତିଷ୍କଟା କାହିଁ ?"

ଅଧିରାଟ୍‌ଙ୍କୁ - କୃତଜ୍ଞତା ଅର୍ପଣ

(ଅଧିରାଟ୍ ମହାମାନ୍ୟଙ୍କୁ ସମ୍ବୋଧନ)

ତୁମ ଯୋଗୁ ହେଲା ମୋର
ଅଧିରାଟ୍ ଶୃଙ୍ଖଳା,
କିଏ କେତେ ଲେଖୁ ମୋର
ବୟାଳିଶ ହେଲା ।୧

କେଉଁ ଜନ୍ମେ ତୁମକୁ ମୁଁ
କରିଥିଲି ଗେଲ,
ଏ ଜନମେ ଆସି ମୋତେ
କବି କରିଦେଲ । ୨

ଭାବିଥିଲି ତୁମକୁ ମୁଁ
ବଗୁଲିଆ ପିଲା,
ଏତେ ତୁମେ ଗୁଣବନ୍ତ
, କିଏ ଜାଣିଥିଲା ? ୩

ଲଳାଟେନ୍ଦୁ କବି ୨୦୨୧୦୨୦୪୧୯୦୨



INDIA

Iron nails, barbed wires turn farmers protest sites into fortresses

PTI | Updated: Feb 2, 2021, 20:13 IST

Barricades set up at the Delhi-UP Ghazipur border to stop farmers from marching towards the national capital, during their ongoing agitation against Centre's farm reform laws. (PTI Photo)

ଅଧିରାତ୍ - ୪୩

କୀଳାବିଛା ଅଧିରାତ୍

ଅନମ୍ବରୁ ଦେଖି କହେ
                    ଚତୁର୍ଦ୍ଦଶ ଲୁଇ -
କୀଳାବିଛା ଅଧିରାତ୍
                    ଧନ୍ୟ ଧନ୍ୟ ତୁହି । ୧

ଆପଣାଜନକୁ ତୁହି
                    ବିଚାରି ଅରାତି,
ଭୀତ ତ୍ରସ୍ତ ବିତାଉଛୁ
                    ବୃଥା ସାରା ରାତି । ୨

ବୈର ଅନୁସରି ବୃଥା
                    ସାଜିଲୁ ରାତ୍ରିକ
ଆମ ଦୁଷ୍କୃତିରୁ କିଛି
                    ଶିଖିବୁ ତ ଶିଖ । ୩

ହେଇ ପାରେ କୀଳା ଦେବ
                    ଏହି ମାତ୍ର ଫଳ,
ଶୂଳିବିଦ୍ଧ ହେବ ତହିଁ
                    ତୋ ଦେହ କେବଳ ।୪

ରାତ୍ରିକ= ରାତ୍ରିଚର;

ବାଣୀପୁତ୍ର ୨୦୨୧୦୨୦୩-୧୧:୦୫

ଅଧିରାଟ୍ - ୪୪
ଅରି ଓ ଅତ୍ୟାଚାରୀ

ଅରି ସହ କି କରିବି ଯୁଦ୍ଧ ଆୟୋଜନ,
ତା'ଠୁ ବହୁ ଭୟଙ୍କର ତୁମେ ହିଁ ରାଜନ । ୧

ଜାଣିନ କି ଶାସକର ପ୍ରଥମ ଯୋଗ୍ୟତା
ପ୍ରଜାବତ୍ସଳତା ମୂଳ ନୁହଁ ଜାତୀୟତା । ୨

ଜନାକ୍ରୋଶ କେତେ ଦିନ ପାରିବ ସମ୍ଭାଳି?
ରକ୍ଷୀ ଦେଇ ରାଜକାର୍ଯ୍ୟ ପାରିବ କି ଚାଳି ? ୩

ହେଉ ସେ ରକ୍ଷକ କି ବା ସଶସ୍ତ୍ର ସୈନିକ
ଦେଶବାସୀ ତାର ଘର ପରିବାର ଲୋକ । ୪

ତୁମ ଅତ୍ୟାଚାରେ ହେଲେ ଅତିଷ୍ଠ ତା ଜନ,
କି ଲାଗି କରିବ ସିଏ ଶସ୍ତ୍ର ଉତ୍ତୋଳନ? ୫

ହେବ ଯଦି ଶତ୍ରୁ ସହ ସମରେ ପ୍ରବୃତ୍ତ
ତୁମ୍ଭଙ୍କୁ କରିବ ଆଗ ନିଶ୍ଚେ ପଦଚ୍ୟୁତ । ୬

ନିଷ୍କଣ୍ଟକ ରାଜକାର୍ଯ୍ୟ କରିବା ଆଶାରେ
ତମକୁ ସେ କାରାଗାରେ ରଖି ଦେଇ ପାରେ । ୭

ଅବା ଦେବ ତୁମ ଦେହେ କଣ୍ଟକ ଫୋଡାଇ,
ଚାବୁକରେ ପିଟି ପିଟି ଗୋଡାଇ ଗୋଡାଇ । ୮

ପ୍ରଜାଙ୍କୁ ଭାବୁନ ଯେଣୁ ନିଜ ଝିଅପୁଅ,
ଏବେଠାରୁ ଅଧିରାଟ୍ ହୁସିଆର୍ ହୁଅ । ୯

ଲଲାଟେନ୍ଦୁ କବି ୨୦୨୧୦୨୦୪୨୩୧୨

ଅଧିରାତ୍ - ୪୫

ଗୋଡାଣିଆଙ୍କ ଅଧିରାତ୍

ବିଛାଇଛ ରାଜପଥେ
କୀଳା ତୀକ୍ଷ୍ଣ ତାର
କଂକ୍ରିଟର ପାଚେରୀକି
ଗର୍ତ୍ତ ସମାହାର ! ୧

ମାର ବିଷ ପ୍ରଲେପନ
କଣ୍ଟକେ କୀଳକେ,
ଭଙ୍ଗା କାଚ, ପେଟ୍ରୋଲ୍ ବମ୍,
ଖୁସି ହେବେ ଲୋକେ । ୨

ଉଠି ଯାଉ ଅଭିଧାନୁ
ନିର୍ଲଜ୍ଜପଣିଆ,
ଚିନ୍ତା ନାହିଁ, ପ୍ରଶଂସିବେ
ତୁମ ଗୋଡାଣିଆ । ୩

ଧନ୍ୟ ଧନ୍ୟ ଅଧିରାତ୍
ଧନ୍ୟ କୁତ୍ତା ଦଳ,
ବଞ୍ଚିବାର ଅଧିକାର
ତୁମରି କେବଳ । ୪

ଲଲାଟେନ୍ଦୁ କବି ୨୦୨୧୦୨୦୫୧୮୨୩

ଅଧିରାଟ୍ - ୪୬

ବ୍ରେନ୍-ଲେସ୍ ଅଧିରାଟ୍

ପଞ୍ଚଚାଳିଶ ହେଲା ମୋ
"ଅଧିରାଟ୍" ଶୃଙ୍ଖଳା
ଭାବୁଥିଲି ସଂରଚନା
ଅଳ୍ପ ରହି ଗଲା । ୧

ପରେ ଜାଣିଲି ଅଳ୍ପକେ
ସରିବାର ନାହିଁ,
ନିତ୍ୟ ମିଳେ ନୂଆ ତଥ୍ୟ
ଲେଖିବାର ପାଇଁ । ୨

ସମକ୍ଷରେ ମୂର୍ଖତାରେ
ପରସ୍ପରେ ଖଞ୍ଜା
ହାର୍ଟ୍-ଲେସ୍ ପାର୍ଷଦକୁ
ବ୍ରେନ୍-ଲେସ୍ ରଜା ।୩

ଲଲାଟେନ୍ଦୁ କବି ୨୦୨୧୦୧୦୭୧୧୧୦

.

ଅଧିରାଟ୍ - ୪୭

ଅସଭ୍ୟ ଅଧିରାଟ୍

ଆନ୍ଦୋଳନ ଦେଶ ସାରା
ସର୍ବତ୍ର ବ୍ୟାପିଲା
ଗ୍ରାମେ ଗ୍ରାମେ ମାର ଏବେ
ଜୋରଦାର କୀଳା ।   ୧

ପ୍ରଶ୍ନ ନୁହେଁ କୀଳା ମାରି
କଲ କେତେ କ୍ଷୟ,
ମାନସିକତାର କିନ୍ତୁ
ଦେଲ ପରିଚୟ ।   ୨

ଇଏ ନୁହଁ ଅଧିରାଟ୍
ଶୃଙ୍ଖଳ ଶାସନ,
ଡରାଇ ଶାସିବାର ଏ
ଅସଭ୍ୟ ବ୍ୟସନ ।   ୩

ଡରାଇ ଶାସିବା ଅତି
ହୀନଜନ ମତି
ଏ କଥା ଉତ୍କଳମଣି
କହି ଯାଇଛନ୍ତି ।   ୪

ଲଲାଟେନ୍ଦୁ କବି ୨୦୨୧୦୧୦୯୧୧୪୭

ଅଧିରାଟ୍ - ୪୮
ବିଶ୍ୱାସଘାତୀ ଅଧିରାଟ୍

କୃଷକ ଦେଉଛି ସବୁ   ମୁଖେ ଅନ୍ନଜଳ,
ନେତାଙ୍କ ଦୃଷ୍ଟିରେ ଚାଷୀ ସନ୍ତ୍ରାସୀ କେବଳ । ୧
ବିଦ୍ୱେଷ ବପନ ମାତ୍ର   ଯାର ସମ୍ଭାବନା,
ତାଙ୍କ ପାଶେ ରାଜପଦ,   ଏହି ବିଡମ୍ବନା ।   ୨

ମିଷ୍ଟବାକ୍ୟ ବିଷୋଦର   ଅଦୟ ଶାସକ,
ଏହାଙ୍କୁ କହିଛି ବହି   ବିଶ୍ୱାସଘାତକ ।   ୩

ଜନେ ଦେଲେ ସିଂହାସନ ବିଶ୍ୱାସଗଦ୍ଗଦେ,
କି କଲେ ସେ ଅଧିରାଟ୍ ଦେଖ ରାଜପଦେ । ୪

ଲଲାଟେନ୍ଦୁ କବି ୨୦୨୧୦୨୧୪୨୦୪୬

ଅଧିରାଟ୍ - ୪୯ ସଂବାଦନାଶୀ ଅଧିରାଟ୍

ଇଞ୍ଚକେପ୍ ସାଗରଶୈଳଠାରେ

ପରାକ୍ରମୀ ଜଳାଧିପ ରାଲ୍ଫ ମହାଭାଗ !
ନିରର୍ଥ ଏ ଅନ୍ଧକାରେ କେଶ ଉତ୍ପାଟନ;
ନିରର୍ଥ ନାବିକଗଣେ ଅହେତୁକ ରାଗ,
ବୋହିତ୍ଥ ନିଶ୍ଚିତ ହେବ ସାଗରମଗନ । ୧

ବୋହିତ୍ଥ= ବୋଇତ, ଜାହାଜ;

ଜଳମଗ୍ନ ଇଞ୍ଚକେପ୍ ଜଳଶୈଳ-ଘଣ୍ଟି
ବଜାଇବ କି ଉପାୟେ ସତର୍କସନ୍ଦେଶ?
ଆସୁଛି ସମୁଦ୍ରବାତ ଭୟାବହ ଘୋଟି
ସିନ୍ଧୁଗର୍ଭେ ହେବ ତୁମ ଇହଲୀଳା ଶେଷ ।୨

ଦେଖ ବୀର ! ସୁସମର୍ଥ ତବ ପ୍ରବହଣ
ଇଞ୍ଚକେପ୍ ସ୍ପର୍ଶ କଲା ପ୍ରଚଣ୍ଡ ପ୍ରହାରେ,
ଶୁଣ ଏବେ ଜଳଗର୍ଭୁ ସେହି ଘଣ୍ଟସ୍ୱନ,
ପିଶାଚ କି ବଜାଉଛି ତୁମରି ସଂହାରେ ।

ପ୍ରବହଣ= ଜାହାଜ;

ଯିଏ ଦେଉଥିଲା ବାର୍ତ୍ତା: ସତର୍କତା-ଭେରୀ
ନଷ୍ଟ କଲ ତାକୁ, ଦେଖ ମୃତ୍ୟୁ ଆସେ ଘେରି ।
(ଶାସନେ ସଂବାଦ ଦିଏ ସତର୍କ-ସୂଚନା,
କଣ୍ଠରୋଧ କଲ ତାର କି ଲାଗି ରାଜନ?
ନ ଜାଣିଲ ଜନାକ୍ରୋଶୁ ତିକ୍ତ ସମ୍ଭାବନା,
ତେଜ ଏବେ ପରାଭବେ ଲୁବ୍ଧ ସିଂହାସନ ।)

ସଂବାଦ= ମିଡିଆ; ପରାଭବ=ଅପମାନ;

ଅଧିରାତ୍ ! ଇଞ୍ଚକେପ୍ ରକ୍ ର କବିତା,
ପଢାଇ ନ ଥିଲେ ତୁମ ଶିକ୍ଷକ କି ପିତା
ଲଲାଟେନ୍ଦୁ କବି ଆଜ୍ଞା: "ପଢ ଏବେ ଥରେ,
ଚଳିବା ପୂର୍ବରୁ ବେଗେ ଶ୍ମଶାନ ପଥରେ ।" ।

ଇଞ୍ଚକେପ୍ ରକ୍= The Inchcape Rock by Robert Southey:

ଲଲାଟେନ୍ଦୁ କବି ୨୦୨୧୦୨୧୪୦୧୫୦

ଅଧିରାତ୍ - ୫୦ ପ୍ରାସାଦପ୍ରେମୀ ଅଧିରାତ୍

=========

କେ କହେ ବିକଳେ   କାଳିମା କବଳେ
        "ଆସି ଯା ଆସି ଯା ଭାତି
ଦେଖିବି ସ୍ୱଜନେ   ଜୀବିତ ନୟନେ,"
        ତଥାପି ବଢୁଛି ରାତି । ୧
        ଭାତି= ଆଲୋକ;

କେ କରେ ଭାବନା   "କାହିଁ କୁନା ମୁନା
        କେ ଖାଇବ କ୍ଷୀରି ପିଠା,
ଦେଖିଥାନ୍ତି ଥରେ   ନଈପଠା ପରେ,"
        ବଢୁଛି ବରଷା ଛିଟା । ୨

କିଏ ଖୋଜେ "ଭାଇ   କିଆଁ ଦିଶୁ ନାହିଁ,
        କିଏ ଦେବ ମୋତେ ଭାର,
ମୋ ସୁନା ଭାଉଜ   ପଠାନ୍ତା ପାଉଞ୍ଜି
        ମୁଁ ଦିଅନ୍ତି ମୋତି ହାର ।" ୩

କାହା ଝିଅ ପୁଅ   ନୟନରେ ଲୁହ
        କାନ୍ଦି କାନ୍ଦି ଶୁଖୁ ନାହିଁ

ଥିଲେ ସିନା ମାତା ଥାପୁଡି ଶୁଆନ୍ତା
ନାନାବାୟା ଗୀତ ଗାଇ । ୪

କାହିଁ କେ ଅବଳା ଏକା ରହିଗଲା,
ପାଶେ ନ ରହିଲେ କେହି;
ଉଦର ପୋଷଣ ବିଷମ କଷଣ,
ପଛେ କିଏ ତନୁଲେହୀ । ୫

କେତେ ପ୍ରାଣପକ୍ଷୀ ଉଡିଗଲେ ରଖି
ହାହାକାରେ ଶୂନ୍ୟ ନୀଡ:
ମହାନନ୍ଦେ ଭୂପ ଦେଖି ଅପରୂପ
ସଂବର୍ତ୍ତେ ଅମାପ ଭିଡ । ୬
ସଂବର୍ତ୍ତ= ସଭା;

କେବେ ଗଳବ୍ରତ, କେବେ ପାରବତ,
ଜନ୍ତୁଶାଳ-ପ୍ରାଣୀ ସାଥେ
ଆନନ୍ଦେ ନୃପତି ରଙ୍ଗେ ବିହରନ୍ତି
ବାଦ୍ୟତାଳ-ପଦପାତେ । ୭
ଗଳବ୍ରତ= ମୟୂର; ପାରବତ= କପୋତ;
ସଜନ୍ତୁଶାଳ= ଚିଡିଆଖାନା;

କ୍ରନ୍ଦିତା ଜନନୀ ସ୍ତମ୍ଭିତା ଅବନୀ
ନିଃଶବ୍ଦ ରଜନୀ କୋଳେ,
ସହର୍ଷ ରାଜନ ପ୍ରାସାଦ ସର୍ଜନ
ଦେଖି ଦେଖି ବେନି ଡୋଳେ । ୮

ଲଳାଟେନ୍ଦୁ କବି ୨୦୨୧୦୫୨୨୦୦୩୩୧

ଅଧିରାଟ୍ - ୫୧ ସାଙ୍ଘାତିକ ଅଧିରାଟ୍

ଶିକ୍ଷା ସ୍ୱାସ୍ଥ୍ୟ ଯାତାୟାତ ବ୍ୟବସାୟ ମଳା,
କାଆଁ ଭାଆଁ ଉତ୍ପାଦନ ଶୁନ୍ଦୁ କାମଚଳା । ୧

ଅର୍ଥାବସ୍ଥା ମୁକ୍ତସଂସ୍ଥା ସବୁ ବାଟବଣା
ପତ୍ରକାର ଜଗତରେ ଶହ ଶହ କଣା । ୨

ପଡିଅଛି ମେରୁହାଡ ଭାଙ୍ଗି ନ୍ୟାୟକାର,
ମାନବାଧିକାର ସ୍ଥିତି ପୂରା ନାରଖାର ।୩

ଅଧିରାଟ୍ ଆଦେଶ, ତୋଳ ଛବି ଟିକ୍ ଟିକ୍,
କେମେରା ହତାଶ, ଘରେ କିଛି ନାହିଁ ଠିକ୍ । ୪

ଅପାତ୍ର ହାତରେ ସ୍ଥିତି ଏତେ ସାଙ୍ଘାତିକ
ଗୋଟେ କଣା ପେଚ୍ କଲେ ଶହେ ନୂଆ ଲିକ୍ । ୫

ଅଧିରାଟ୍ ପାରି ହେବେ ଜନମତ ଗଙ୍ଗା
ଲଗାଇ ପାରିଲେ ହିନ୍ଦୁ- ପଠାଣଙ୍କ ଦଙ୍ଗା । ୬

ଲଗାତାର ଦୁଃଶାସନ ଶାସିବ ଏ ମହୀ,
ଖୋଜୁଅଛି ଦଙ୍ଗା ଲାଗି ମୌକା ରହି ରହି ।୭

ନରପଣ ଉଦ୍ୟାନରେ ପଶି ଗଲେ ଛେଳି,
ଗାଦିରେ ଚଢିବେ ରଜା ଭିଡ ଠେଲି ପେଲି ।୮

ଲଲାଟେନ୍ଦୁ କବି ୨୦୨୧୦୬୨୯୧୨୫୮



ଅଧିରାଟ୍ — ୫୨

=========

ହେ ଅଜ୍ଞାତକୁଳଶିଳ ରାଷ୍ଟ୍ରୀୟ ଦଙ୍ଗାପୁରୁଷ !

ତୁମ୍ଭ ଚତୁଷ୍ପାର୍ଶ୍ୱସ୍ଥ ରାଷ୍ଟ୍ରୀୟ କ୍ରୋଧ

ତୁମ ନିଜ ଚାତୁର୍ଯ୍ୟାତିଶଯ୍ୟର

ଅପ୍ରତିହତ୍ୟ ଦୁଷ୍ପରିଣାମ ବୋଲି

ବୁଝି ପାରୁଅଛ ?

ଏବେ କଣ ତୁମ ପ୍ରତିପାଳିତ

କତିପୟ ଉପପୁତ୍ର

ଧର୍ମାନ୍ଧ ଗାନ୍ଧାର ରାଷ୍ଟ୍ରର

ଶରଣାପନ୍ନ ହେବେ ଅଧିରାଟ ?

୨୦୨୧୧୧୦୫୦୩୦୪

☹ ସମାପ୍